# କେତେ ଦିଗନ୍ତ

[illegible], ୨-୧୦-୬୬

—ମନୋଜ ଦାସ

"ଏ ବର୍ଷ ଯିଏ ମରିବ, ପରବର୍ଷ ମରିବାରୁ ସେ ଛୁଟି ପାଇଗଲା !"—କହିଥିଲେ ସେକ୍ସପିଅର । କିନ୍ତୁ ସବୁ କ୍ଷେତ୍ରରେ ଜଣେ ଯେ ଛୁଟି ପାଇବ, ତାର କିଛି ନିଶ୍ଚୟତା ନାହିଁ । ଦୁଇ ତିନି ସପ୍ତାହ ତଳେ ସେଇ ଯେଉଁ ଲୋକଟିର କଥା ଓଡ଼ିଶାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଥିଲା— ମୃତ ହିସାବରେ ଗୃହୀତ ହୋଇ ନଦୀରେ ଭସି ଯାଉଁ ଯାଉଁ

## ଏକ ଅସମାହିତ ରହସ୍ୟ

ଜନୈକ ବାବାଜୀଙ୍କ ଦ୍ୱାରା ଉଦ୍ଧାର ପ୍ରାପ୍ତ ହୋଇ ସେ ସମ୍ପ୍ରତି ସ୍ୱଗ୍ରାମକୁ ଫେରିଛନ୍ତି—ତାଙ୍କୁ ପରବର୍ଷ ନହେଲେ [ଭଗବାନ ନ କରନ୍ତୁ] ଭବିଷ୍ୟତରେ ପୁନେ ମରିବାକୁ ହେବ, ଯଦିଓ ଏବର୍ଷ ସେ ଥରେ ମରି ସାରିଥିଲେ । ଘଟଣାଟି ସେହି ସୁବିଖ୍ୟାତ ଭାଓ୍ୱାଲ ସନ୍ନ୍ୟାସୀଙ୍କ ମକଦ୍ଦମା କଥା ମନେ ପକାଇଦିଏ । ଭାଓ୍ୱାଲ ଇଷ୍ଟେଟ୍‌ର ରାଜକୁମାରଙ୍କୁ ମଧ୍ୟ ମୃତ ବୋଲି ସାବ୍ୟସ୍ତ କରି ଶ୍ମଶାନରେ ପକାଇ ଦିଆଯାଇଥିଲା । ଭୟଙ୍କର ଝଡ଼ ତୋଫାନ ଯୋଗୁଁ ତାଙ୍କୁ ଅଗ୍ନି ଦଗ୍ଧ କରାଯାଇନଥିଲା । ତା'ପରେ ସେ କିପରି ସଂଜ୍ଞା ଫେରିପାଇ—କିନ୍ତୁ ସ୍ମୃତି ଶକ୍ତି ହରାଇ—ଇତସ୍ତତଃ ବିଚରଣ କରୁଁ କରୁଁ ଜଣେ ସନ୍ନ୍ୟାସୀଙ୍କ ସାନ୍ନିଧ୍ୟରେ ଆସିଲେ, ସନ୍ନ୍ୟାସୀଙ୍କ ଚର୍ଚ୍ଚାରେ କିପରି ସ୍ମୃତି ଶକ୍ତି ଫେରି ପାଇଲେ ଓ କ୍ରମେ ଘଟଣାଟି ବହୁ ଶୃଙ୍ଖଳାକର ରହସ୍ୟକୁ ଅନାବୃତ କଲା, ତାହା ଅଦ୍ୟାପି ଅନେକଙ୍କର ମନେ ଥିବ ।

ତେବେ ଓଡ଼ିଶାର ଉପରୋକ୍ତ ଘଟଣାଟିରେ ଯେଉଁ ଜଣକ ମୃତ ବୋଲି ସାବ୍ୟସ୍ତ ହୋଇଥିଲେ, ତାଙ୍କ ପଛରେ କୌଣସି ଷଡ଼ଯନ୍ତ୍ର କାର୍ଯ୍ୟ କରୁନଥିଲା । ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ ଡାକ୍ତର । ସେ କଥିବା ପରେ ଅନେକେ ସମ୍ପୃକ୍ତ ଡାକ୍ତରଙ୍କୁ ବିଦ୍ରୂପ କରିଥିବେ । କିନ୍ତୁ ଡାକ୍ତର ହୁଏତ ସମ୍ପୂର୍ଣ୍ଣ ଭାବରେ ନିର୍ଦ୍ଦୋଷ ହୋଇ ପାରନ୍ତି । ଜୀବନ ଓ ମୃତ୍ୟୁ ଲୀଳାର ଅଦ୍ୟାପି ଅନୁଦ୍‌ଘାଟିତ କୌଣସି ରହସ୍ୟମୟ କାରଣ ଯୋଗୁଁ ମୃତ୍ୟୁର ସମସ୍ତ ଲକ୍ଷଣ ପରିସ୍ଫୁଟ ହେବା ପରେ ମଧ୍ୟ ପୁନରାୟ ଉଜ୍ଜୀବିତ ହୁଏ ଜୀବନ । ପାଶ୍ଚାତ୍ୟ ଦେଶରେ— ବିଶେଷତଃ ଲଣ୍ଡନରେ—ଜୀ ବ ନ ଥାଉଁ ଥାଉଁ ସମାଧି ଦିଆଯାଉଥିବାର ବହୁ ଦୁଃଖଦାୟକ ଘଟଣା ଲିପିବଦ୍ଧ ହୋଇଛି । (ଅବଶ୍ୟ ଜୀବନ ଥାଉଁ ଥାଉଁ ଜାଣି ଜାଣି ସମାଧି ଦେବାର ବିଧି ମଧ୍ୟ ପ୍ରଚଳିତ ଅଛି କେତେକ ଦେଶରେ । ଫିଜିର 'ନାଭିତେଲେଭୁ' ସମ୍ପ୍ରଦାୟରେ ଯେତେବେଳେ କୌଣସି ବ୍ୟକ୍ତି ଦୀର୍ଘକାଳ ରୋଗଗ୍ରସ୍ତ ହୋଇ ମରମର ହୁଅନ୍ତି, ସେତେବେଳେ ତାଙ୍କୁ ସମାଧି ଗର୍ତ୍ତ ଭିତରେ ଶାୟିତ କରାଇ ପାଖରେ କିଛି ଖାଦ୍ୟ ଓ ପାନୀୟ ରଖି ଦିଆହୁଏ । ଆତ୍ମୀୟମାନେ ଯେତେବେଳେ ଦେଖନ୍ତି ଯେ ବ୍ୟକ୍ତିଟି ଖାଦ୍ୟ ପାନୀୟ ଆଉ ଗ୍ରହଣ କରିପାରୁନାହିଁ, ସେତେବେଳେ ସମାଧିର ମୁହଁ ବନ୍ଦ କରିଦିଆଯାଏ । ସ୍ୱାଲୁତ ଜାତିର ଲୋକଙ୍କ ଭିତରେ ବୃଦ୍ଧ ବ୍ୟକ୍ତିଙ୍କୁ ତିନି ଦିନବ୍ୟାପୀ ଉତ୍ସବରେ ପ୍ରଚୁର ଖାଇବାକୁ ପିଇବାକୁ ଦେଇ ଶେଷରେ ଜୀବନ ଥାଉଁ ଥାଉଁ ସମାଧିସ୍ଥ କରିଦିଆଯାଏ—ସେ କିଛି ମନେ କରନ୍ତି ନାହିଁ ।)

ଆଜକୁ ପ୍ରାୟ ସତର ବର୍ଷ ତଳେ ତତ୍‌କାଳୀନ ଶ୍ରେଷ୍ଠ ମାସିକ 'ସହକାର'ରେ ମୁଁ କେତୋଟି ପ୍ରବନ୍ଧ ଏ ସମ୍ପର୍କରେ ଲେଖିଥିଲି ।

ନିଦ୍ରା, ମୃତ୍ୟୁ ଇତ୍ୟାଦି ସମ୍ପର୍କରେ ସେହି ଅପରିପକ୍ୱ ବୟସରେ କେତେକ ଚେତନାଗତ ଆଲୋଚନା ସେତେବେଳେ କରିଥିଲି । ଆଜି ସେ ସବୁର ତାତ୍ତ୍ୱିକ ଦିଗ କଥା ଆଲୋଚନା କରୁନାହିଁ—ତେବେ କେତୋଟି ଘଟଣା ମନେ ପଡ଼ୁଛି । ଘଟଣା ଗୁଡ଼ିକର ଉତ୍ସ 'ଜୀବନ୍ତ ସମାଧି' (Buried Alive) ନାମକ ଇଂରାଜୀ ଗ୍ରନ୍ଥ ଓ ଆଉ କେତେକ ପତ୍ର-ପତ୍ରିକା । ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ଇଂଲଣ୍ଡରେ ଗୋଟିଏ ବିଧିବଦ୍ଧ ସଂସ୍ଥା ଏ ଦିଗରେ ତଦନ୍ତ କରୁଥିଲେ ଓ ଏହାରୁ ଘଟଣା ଲୋକଲୋଚନକୁ ଆଣିଥିଲେ ।

ଗୋଟିଏ ଘଟଣା ହେଲା ଜଣେ ଭଦ୍ରବ୍ୟକ୍ତିଙ୍କର ସ୍ତ୍ରୀ ହଠାତ୍ ମୃତ୍ୟୁମୁଖରେ ପଡ଼ିଲେ, ଯଥାବିଧି ତାଙ୍କୁ କବରସ୍ଥ କରାହେଲା । କିଛିଦିନ ଉତ୍ତାରୁ ଭଦ୍ରଲୋକଙ୍କର ସହିତ ତା'ଙ୍କ ଶାଶୁଙ୍କର ମନୋମାଳିନ୍ୟ ହେଲା ଓ ଶାଶୁ ରାଗଙ୍କ ଝିଅର କଫିନଟି ନେଇ ନିଜ ବଗିଚାରେ କବରସ୍ଥ କରିବାକୁ ଚାହିଁଲେ । କଫିନଟି ଖରାପ ହୋଇଯାଇଥିବାରୁ ଗୋଟିଏ ନୂତନ କଫିନକୁ ମୃତଦେହଟି ସ୍ଥାନାନ୍ତରିତ କରିବା ପାଇଁ ସ୍ଥିର ହେଲା । କଫିନ ଖୋଲିବାରୁ କିନ୍ତୁ ଦେଖାଗଲା, ତାହା ଭିତରେ ସ୍ତ୍ରୀଟିର ସଂଜ୍ଞା ଯେତେବେଳେ ଫେରି ଆସିଛି, ସେ ପଦାକୁ ବାହାରିବା ପାଇଁ ଚେଷ୍ଟା କରି ନିରୁପାୟ ହୋଇ ପୁଣି ମରିଛି ।

ଦ୍ୱିତୀୟ ଘଟଣାଟି ହେଲା, ଦିନେ ରାତିରେ ଗୋଟିଏ ମେସରେ ରହୁଥିବା କେତୋଟି ଯୁବକଙ୍କ ଭିତରେ ବାଜି ଲଗିଲା—କିଏ ଶ୍ମଶାନକୁ ଯାଇ ମୃତ ଦେହଟିଏ ନେଇଆସି ସାହସର ପରିଚୟ ଦେଇପାରିବ ? ଜଣେ ଗଲା ଓ ସଦ୍ୟ ମୃତ ଦେହଟିଏ ଆଣି ମେସର ଗୋଟିଏ କୋଠରୀରେ ଥୋଇଲା । ସେଇଟି ଗୋଟିଏ ଗ୍ରେଟ ଝିଅର ଦେହ । ଅର୍ଦ୍ଧରାତିରେ ସମସ୍ତେ ଏକ ଚିତ୍କାର ଶୁଣି ଚମକିତ ହୋଇ ଦେଖିଲେ, ଝିଅଟି ଉଠିବସି କୁନ୍ଥୁ-କୁନ୍ଥୁ ହୋଇ ଅନାଇଛି ।

ଶ୍ରୀ ଅରବିନ୍ଦ ଆଶ୍ରମରୁ ପ୍ରକାଶିତ ଆନ୍ତର୍ଜାତିକ ପ୍ରସିଦ୍ଧିସମ୍ପନ୍ନ ମାସିକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପତ୍ରିକା MÓTHER INDIAର ଏକ ସଂଖ୍ୟାରେ ବଡ଼ କରୁଣ ଘଟଣାଟିଏ ଲିପିବଦ୍ଧ ହୋଇଥିଲା । ଅବଶ୍ୟ ଘଟଣାଟି ଛପା ହୋଇଥିଲା ଅନ୍ୟ ବିଷୟ - ଅନ୍ତର୍ବୋଧ (Intuition) ସମ୍ପର୍କରେ ଆଲୋକପାତ କରିବା ପାଇଁ ଯେ ଲେଖିଥିଲେ ସେ ସ୍ୱୟଂ ହେଲେ 'ହତଭାଗ୍ୟ' ପିତାଟିଏ, ଯାହାଙ୍କର ଏକମାତ୍ର ପୁତ୍ର ଅସୁସ୍ଥ ହୋଇ ପଡ଼ିଲା । ଡାକ୍ତରଖାନାକୁ ଆସି ସେ ବସିଛନ୍ତି, ହଠାତ୍ ଶୁଣିଲେ ତାଙ୍କ ଶ୍ରେଷ୍ଠ ପୁଅର କଣ୍ଠସ୍ୱର— "ବାପା ! ମୋର ଶେଷସମୟ ନିକଟତର ହୋଇ ଆସିଲା ଯେ ।" ଭଦ୍ରଲୋକ ଡାକ୍ତରଙ୍କ ସହ ଗଲେ । କିନ୍ତୁ ଅଚିରେ ପୁଅଟି ମୃତ ବୋଲି ଡାକ୍ତରଙ୍କ ଦ୍ୱାରା ଘୋଷିତ ହେଲା । ଶ୍ମଶାନରେ ତାକୁ ପୋତିଦେଇ ଆସି ଶୋକାଭିଭୂତ ପିତା ସନ୍ଧ୍ୟାବେଳେ ବସିଛନ୍ତି, ହଠାତ୍ ପୁଣି ସେହି କଣ୍ଠସ୍ୱର ଶୁଣିଲେ—"ବାପା ! ଏ କ'ଣ କଲ ! ମୁଁ ମରିନାହିଁ ।" ଭଦ୍ରଲୋକ କଥାକୁ ନିଜର କଳ୍ପନା ବୋଲି ମନେ କରି ଏଡ଼ାଇ ଦେଲେ । କିନ୍ତୁ ପୁନରାୟ ଥରେ ବା ଦୁଇଥର ସେହିପରି ଜୀବନ୍ତ କଥା ଶୁଣି ଅଥୟ ହୋଇ ନିଶାର୍ଦ୍ଧରେ ଶ୍ମଶାନକୁ ଯାଇ ମାଟି ଖୋଳି ଶିଶୁଟିକୁ ବାହାରକୁ ଆଣି ଦେଖିଲେ—ପ୍ରକୃତରେ ତା'ର ନିଶ୍ୱାସ ଚାଲିଛି । ପ୍ରତିବେଶୀ ଓ ଡାକ୍ତର ସଭିଏଁ ବିସ୍ମିତ ହେଲେ । କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା । କିଛି ସମୟ ବଞ୍ଚି ପରଦିନ ପିଲାଟି ଶେଷ ନିଶ୍ୱାସ ତ୍ୟାଗ

[ଚତୁର୍ଥ ପୃଷ୍ଠା ଦେଖନ୍ତୁ ]

## କେତେ ଦିଗନ୍ତ

[ ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ ]

କଲା । ପରବର୍ତ୍ତି ସମୟରେ ଭଦ୍ରଲୋକଟି ଆଶ୍ରମ ସମ୍ପର୍କରେ ଆସିଥିଲେ ଓ ଅନ୍ତର୍ବୋଧକୁ ଯଥାର୍ଥ ସମ୍ମାନ ନଦେବାର ପରିଣତି କେତେ ବେଦନାଦାୟକ ହୋଇପାରେ, ସେହି ପ୍ରସଙ୍ଗରେ ଏହା ଲେଖିଥିଲେ । ଘଟଣାଟି ଆନ୍ତରିକ ସତ୍ୟ ହିସାବରେ ଏକାନ୍ତ ମୂଲ୍ୟବାନ ।

ଜୀବନ-ମୃତ୍ୟୁ କେବେକେବେ ହୋଇ ଉଠିପାରେ ଅତ୍ୟନ୍ତ ରହସ୍ୟମୟ । ତେବେ ପ୍ରଥମୋକ୍ତ ଘଟଣା (ସମ୍ବାଦପତ୍ରରେ ପ୍ରକାଶିତ) ଯେଭଳି ପୁଲକପ୍ରଦ ଭାବରେ ରହସ୍ୟମୟ, ଶେଷୋକ୍ତ ଘଟଣାଟି ସେହିପରି ମର୍ମାନ୍ତିକ ଭାବରେ ରହସ୍ୟମୟ ; ଏଥିକି ଯାହା ଦୁର୍ଭାଗ୍ୟଜନକ ପାର୍ଥକ୍ୟ !

ନିକଟରେ ବମ୍ବେ କଷ୍ଟମ କର୍ତ୍ତୃ
ଏକ ବଡ଼ ଧରଣର ଚୋରା-
କାରବାରକୁ ଜବତ କରି ପରିଛ
ସେମାନଙ୍କ ତତ୍ପରତା ଯୋଗୁ ବ
କେତେକ ବାସଗୃହରୁ ପ୍ରାୟ କୋ
ଟଙ୍କା ମୂଲ୍ୟର ଚୋରା ସୁନା ଧରାପ
ଦୁଇଟି ବଡ ଧରଣର ଖାନତ
ଫଳରେ ଯଥାକ୍ରମେ ୩୪ହ
ତୋଳା ଏବଂ ୩୬ହଜାର ତେ
ଏହି ବହୁମୂଲ୍ୟ ଧାତୁ ଧରାପ
କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି ଯେ
ଗତ ମାସ ଭିତରେ ଭାରତକୁ ୪
ତୋଳା ଚୋରା ସୁନା ଆସିଛି ଯା
ମୂଲ୍ୟ ୬କୋଟି ଟଙ୍କା । ଏହା ଭି